**REGIONAL NEWS UNIT, AIR CUTTACK**

**Evening Bulletin (6.45 PM)**

**12 February – 2025**

**News Editor – Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ; ସର୍ବଦଳୀୟ ବୈଠକରେ ଆଜି ରାଜନୈତିକ ଦଳଗୁଡ଼ିକର ସହଯୋଗ ଲୋଡିଲେ ବାଚସ୍ପତି
- ବିଧାନସଭାରେ ଡିଜିଟାଲ ହାଉସ୍‌ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଶ୍ରୀମନ୍ଦିର ମହାପ୍ରସାଦରେ ଜୈବିକ ଶସ୍ୟର ବ୍ୟବହାର ସହ 'ଅମୃତ ଅନ୍ନ ପ୍ରକଳ୍ପ' ଲାଗୁ ପାଇଁ ପ୍ରସ୍ତାବ

ଏବଂ

- ମାଘ ପୂର୍ଣ୍ଣିମା ତିଥିରେ ପୁରୀ ଶ୍ରୀମନ୍ଦିରରେ ଗଜ ଉଦ୍ଧାରଣ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ

# ସର୍ବଦଳୀୟ ବୈଠକ

ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହା ପୂର୍ବରୁ ଆଜି ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ବୈଠକରେ ବାଚସ୍ପତି ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରି ମତାମତ ଓ ସହଯୋଗ ଲୋଡ଼ିଛନ୍ତି।

**- V/O -**

ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ ପ୍ରମୁଖ ଉପସ୍ଥିତ ଥିଲେ।  ଆଜି ଅପରାହ୍ନରେ ପୃଥକ ପୃଥକ ଭାବେ ବିଭିନ୍ନ ଦଳର ବିଧାୟକମାନଙ୍କର ବୈଠକ ଅନୁଷ୍ଠିତ ହୋଇଛି।

ବଜେଟ୍ ଅଧିବେଶନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ରାଜଭବନରେ ସାକ୍ଷାତ କରିଥିଲେ। ବଜେଟ୍ ଅଧିବେଶନର ପ୍ରଥମ ଦିନରେ ଆସନ୍ତାକାଲି ରାଜ୍ୟପାଳଙ୍କ ଅଭିଭାଷଣ ସହ ଅଧିବେଶନର କାର୍ଯ୍ୟ ଆରମ୍ଭ ହେବ।

ସୂଚନାଯୋଗ୍ୟ, ବଜେଟ୍ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଚାଲିବ। ଆସନ୍ତାକାଲିଠାରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଏବଂ ମାର୍ଚ୍ଚ ୭ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହେବ।

ଆସନ୍ତା ୧୭ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ ହେବ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ଏହି ଅଧିବେଶନରେ ୨୮ଟି କାର୍ଯ୍ୟ ଦିବସ ରହିଛି।

## ଡିଜିଟାଲ୍ ହାଉସ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ଡିଜିଟାଲ ହାଉସ୍‌ର ଶୁଭାରମ୍ଭ କରିଛନ୍ତି। ଇ-ବିଧାନସଭା ଆପ୍ଲିକେଶନ ଅଧିନରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।  ମୁଖ୍ୟମନ୍ତ୍ରୀ କହିଛନ୍ତି, ଡିଜିଟାଲ ହାଉସ୍‌ର ଶୁଭାରମ୍ଭ ପରେ ଗୃହ ନେଭା ଡିଜିଟାଲ ହାଉସ୍‌ରେ ପରିଗଣିତ ହୋଇଛି। ଏହାଦ୍ୱାରା ବିଧାନସଭାରେ ସମସ୍ତ କାର୍ଯ୍ୟକ୍ରମ ଡିଜିଟାଲ୍ ମାଧ୍ୟମରେ ଉପଲବ୍ଧ ହେବ। ଏହା ବାସ୍ତବିକ ଏକ ଯୁଗାନ୍ତକାରୀ ପରିବର୍ତ୍ତନ। ଓଡ଼ିଶା ବିଧାନସଭା ପେପରଲେସ୍ ହାଉସ୍ ଭାବରେ ପରିଣତ ହେବା ପରେ ଡିଜିଟାଲ ବିପ୍ଲବ କ୍ଷେତ୍ରରେ ସାମିଲ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନା ଅନୁସାରେ, ନେଭା ମାଧ୍ୟମରେ ବ୍ୟବସ୍ଥାପକ ପଦ୍ଧତିର ଡିଜିଟାଇଜେସନ କାର୍ଯ୍ୟକାରୀ କରିବାରେ ଦେଶରେ ବିଧାନସଭାଗୁଡ଼ିକ ମଧ୍ୟରୁ ଓଡ଼ିଶା ପ୍ରଥମ ରାଜ୍ୟ ହେବାକୁ ଯାଉଛି।

## ସୌଜନ୍ୟମୂଳକ ସାକ୍ଷାତ

ବିଧାନସଭା ପ୍ରକୋଷ୍ଠରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରସିଦ୍ଧ ହିନ୍ଦୀ ଚଳଚ୍ଚିତ୍ର ନିର୍ମାତା ବୋନି କପୁର ଓ ଅଭିନେତା ଅର୍ଜୁନ କପୁର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଆସନ୍ତା ରବିବାର କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆୟୋଜିତ ହେବାକୁ ଥିବା ସେଲିବ୍ରିଟି କ୍ରିକେଟ୍ ଲିଗ୍‌ରେ

ମୁଖ୍ୟଅତିଥି ଭାବେ ଯୋଗଦେବାପାଇଁ ବୋନି କପୁର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି। ବୋନି କପୁର କହିଛନ୍ତି, ଓଡ଼ିଶାରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ବ୍ୟାପକ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପର୍ଯ୍ୟାପ୍ତ ସୁବିଧା ରହିଛି। ଏହାଦ୍ୱାରା ରାଜ୍ୟ ପର୍ଯ୍ୟଟନର ମଧ୍ୟ ଅଭିବୃଦ୍ଧି ଘଟିବ ବୋଲି ସେ କହିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମନ୍ତ୍ରୀମଣ୍ଡଳର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି

ରାଜ୍ୟ ସରକାର କନିଷ୍ଠ ସ୍କେମାଟିକ ଶିକ୍ଷକଙ୍କ ଦରମା  ବୃଦ୍ଧି କରିଛନ୍ତି। ଶିକ୍ଷକଙ୍କ ଦରମା ମାସିକ ୧୧ ହଜାରରୁ ୧୬ ହଜାର ଟଙ୍କାକୁ ବୃଦ୍ଧି ହୋଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ନିଷ୍ପତ୍ତି ଦ୍ୱାରା  ୧୩ ହଜାର ୭୪୦ ଜଣ ଶିକ୍ଷକ ଉପକୃତ ହେବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

**- V/O -**

ସମଗ୍ର ଶିକ୍ଷା ଯୋଜନା ଅନୁସାରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ଦରମା  ଆଜିଠାରୁ ବୃଦ୍ଧି କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

## ମତ୍ସ୍ୟ-ପ୍ରାଣୀ ସମାବେଶ

ଭୁବନେଶ୍ୱର ବରମୁଣ୍ଡା ବିଜୁ ପଟ୍ଟନାୟକ ପଡିଆଠାରେ ଆସନ୍ତା ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ 'ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫' ଅନୁଷ୍ଠିତ ହେବ। ଆଜି ଭେଟେନାରୀ କଲେଜ୍

ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଏ ସଂକ୍ରାନ୍ତ ଲୋଗୋ ଓ ମାସ୍କଟ ଉନ୍ମୋଚନ କରିଛନ୍ତି।  ମନ୍ତ୍ରୀ କହିଛନ୍ତି, ଏହି ସମାବେଶ ମତ୍ସ୍ୟ ଚାଷୀ ଓ ପ୍ରାଣୀପାଳକଙ୍କ ସମୃଦ୍ଧିର ମହାକୁମ୍ଭ ସାଜିବ।

ଚଳିତବର୍ଷ ପାଇଁ ସମାବେଶର ବାର୍ତ୍ତା ରହିଛି 'ମତ୍ସ୍ୟ ଓ ପ୍ରାଣୀ ପାଳନ-ଜୀବନଜୀବିକା ଜୈବ ସନ୍ତୁଳନ'। ଏହି ସମ୍ମିଳନୀରେ ପ୍ରତି ବ୍ଲକ୍‌ରୁ ୨୬ ଜଣ ଲେଖାଏଁ ଚାଷୀ ଯୋଗଦେବେ। ଏଥିସହିତ ପ୍ରତ୍ୟେକ ଉପଖଣ୍ଡରୁ ୪ ଜଣ ସଫଳ ପ୍ରାଣୀପାଳକ ଓ ମତ୍ସ୍ୟଚାଷୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

## ମହାପ୍ରସାଦ-ଜୈବିକ ଚାଉଳ

ପୁରୀ ଶ୍ରୀମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତିରେ ଜୈବିକ ଚାଉଳର ବ୍ୟବହାର ନେଇ କୃଷିଭବନ ସମ୍ମିଳନୀ କକ୍ଷଠାରେ ଏକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହାପ୍ରସାଦକୁ ରସାୟନମୁକ୍ତ କରିବା ପାଇଁ ଆଲୋଚନା ହୋଇଛି। ଏଥିପାଇଁ 'ଅମୃତ ଅନ୍ନ' ନାମରେ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକାରୀ ହେବା ସହ ଜୈବିକ ଶସ୍ୟରେ ପ୍ରସ୍ତୁତ ମହାପ୍ରସାଦ ଆନନ୍ଦ ବଜାରରେ ଉପଲବ୍ଧ କରାଇବା ପାଇଁ ବୈଠକରେ ପ୍ରସ୍ତାବ ରଖାଯାଇଛି। ପ୍ରାରମ୍ଭିକ ଭାବେ ରାଜ୍ୟରୁ ଉତ୍ପାଦିତ ହେଉଥିବା ଜୈବିକ ଚାଉଳ ଅମୃତ ଅନ୍ନ ମହାପ୍ରସାଦରେ ବ୍ୟବହାର କରାଯିବ ବୋଲି ଜଣାପଡିଛି।

## ମାନବ ଚାଲାଣ

ମହିଳା ଚାଲାଣ, ଶିଶୁ ବିକ୍ରି ରୋକିବା ପାଇଁ ମହିଳା କମିଶନ କାର୍ଯ୍ୟ କରିବା ସହ ପୁଲିସ୍‌କୁ ସଚେତନତା ଶିବିର ଆୟୋଜନ ପାଇଁ ଦାୟିତ୍ୱ ହସ୍ତାନ୍ତର କରାଯିବ ବୋଲି ପୁରୀ ଜିଲ୍ଲା ସଂସ୍କୃତିଭବନ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। କାର୍ଯ୍ୟକ୍ରମରେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହତକର କହିଛନ୍ତି, ଓଡ଼ିଶା ସମେତ ସମଗ୍ର ଦେଶରେ ମାନବ ବିଶେଷକରି ମହିଳା ଚାଲାଣ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ମାନବ ଚାଲାଣ ରୋକିବା ପାଇଁ ଆଗାମୀ ଦିନରେ ଦେଶର ପ୍ରମୁଖ ରେଲଷ୍ଟେସନଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ରାଜ୍ୟ ସରକାର ତୁରନ୍ତ ଉଦ୍ଧାର, ଥଇଥାନ, ଶିକ୍ଷା ବ୍ୟବସ୍ଥା କରିବା ସହ ବାଲ୍ୟ ବିବାହ ସମ୍ପୂର୍ଣ୍ଣ ରୋକିବା ପାଇଁ ପଦକ୍ଷେପ ନେବାକୁ ଶ୍ରୀମତୀ ରାହତକର ଅନୁରୋଧ କରିଛନ୍ତି।

**ବୌଦ୍ଧ** ଜିଲ୍ଲା ଟାଉନ୍‌ହଲ୍‌ଠାରେ ରାଜ୍ୟ ମହିଳା କମିଶନ ପକ୍ଷରୁ ଏକଦିବସୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଘରୋଇ ହିଂସା ନିରାକରଣ ଆଇନ୍ ଆଦି ପ୍ରସଙ୍ଗ ଉପରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ଏଥିରେ ଅଙ୍ଗନଓ୍ୱାଡି, ଆଶାକର୍ମୀ ଓ ମହିଳାମାନଙ୍କୁ ସାଧନ କର୍ମୀମାନେ ତାଲିମ ପ୍ରଦାନ କରିଥିଲେ।

# ମାଟ୍ରିକ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ-ବି.ଏସ୍.ଇ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ। ଏଥିପାଇଁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ନୋଡାଲ୍ ସେଣ୍ଟରଗୁଡ଼ିକରେ ପ୍ରଶ୍ନପତ୍ର ପହଞ୍ଚିଛି। ଚଳିତବର୍ଷ ପରୀକ୍ଷା ପାଇଁ ୩୧୪ଟି ନୋଡାଲ ସେଣ୍ଟର ସ୍ଥାପନ କରାଯାଇଛି।

ସେହିଭଳି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ-ସି.ଏଚ୍.ଏସ୍.ଇ. ଦ୍ୱାରା ପରିଚାଳିତ ଯୁକ୍ତଦୁଇ ପରୀକ୍ଷା ପାଇଁ ଆଜି ପରୀକ୍ଷାକେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ପଠାଯାଇଛି। ଚଳିତ ବର୍ଷ ମୋଟ୍ ୨୦୫ଟି ପରୀକ୍ଷାକେନ୍ଦ୍ରରେ ୩ ଲକ୍ଷ ୯୩ ହଜାର ୬୧୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଆସନ୍ତା ୧୮ ତାରିଖରୁ ଯୁକ୍ତଦୁଇ ପରୀକ୍ଷା ଆରମ୍ଭ ହେବ।

# ଶ୍ରୀଜୀଉଙ୍କ ବେଶ

ପୁରୀ ଶ୍ରୀମନ୍ଦିରରେ ମାଘ ପୂର୍ଣ୍ଣିମା ଅବସରରେ ଆଜି ଶ୍ରୀଜୀଉଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଛି । ମଧ୍ୟାହ୍ନ ଧୂପ ଶେଷ ହେବା ପରେ ରତ୍ନସିଂହାସନ ଉପରେ ମହାପ୍ରଭୁଙ୍କ ଏହି ବେଶ ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଚର୍ତୁହସ୍ତ ଏବଂ ଦେବୀ ସୁଭଦ୍ରା ଦ୍ୱିଭୁଜ ରୂପେ ଏହି ବେଶରେ ପୂଜା ପାଇଥାନ୍ତି। ମାଘ ପୂର୍ଣ୍ଣମୀକୁ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଅଗିରା

ପୂର୍ଣ୍ଣମୀ ଭାବେ ପାଳନ କରାଯାଉଛି । ଆଜିର ଦିନରେ ଅଗ୍ନିଦେବତାଙ୍କ ପୂଜା କରିବାର ବିଧି ରହିଛି ।

## ମାଘ ମେଳା

ସନ୍ଥ କବି ଭୀମ ଭୋଇଙ୍କ ସମାଧିପୀଠ **ସୁବର୍ଣ୍ଣପୁର** ଜିଲ୍ଲାର ଖଲିଆପାଲିଠାରେ ମାଘ ମେଳା ପୂର୍ଣ୍ଣମୀ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଛି। ଏହି ଅବସରରେ ଭୀମ ଭୋଇଙ୍କ ସମାଧି ମନ୍ଦିର ଓ କଠଉ ମନ୍ଦିରରେ ପାରମ୍ପରିକ ନୀତିକାନ୍ତି ସହ ପୂଜାର୍ଚ୍ଚନା କରାଯାଇଛି। ପୀଠ ପରିସରରେ ୧୦୮ ପାଖୁଡା ଝାଡବତୀ ଲଗାଯାଇଛି। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ହଜାର ହଜାର ଶ୍ରଦ୍ଧାଳୁ ମେଳାକୁ ଆସି ଶୂନ୍ୟ ସମାଧିକୁ ଦର୍ଶନ କରୁଛନ୍ତି।

## ନିପୁଣ ଓଡ଼ିଶା ମେଳା

**ବୌଦ୍ଧ** ଜିଲ୍ଲା ହରଭଙ୍ଗା ବ୍ଲକ୍ ଧଳପୁରଠାରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୌଳିକ ସାକ୍ଷରତା ଓ ଭାଷାଜ୍ଞାନର ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଅଭିନବ ଶିକ୍ଷାଦାନର ପ୍ରଦର୍ଶନ ଏବଂ ଫଳପ୍ରଦ ରଣନୀତିକୁ ଚିହ୍ନିଟ କରି ସ୍ୱୀକୃତି ପ୍ରଦାନ କରିବା ଓ ଶିକ୍ଷା କ୍ଷେତ୍ରରେ ନିରନ୍ତର ବିକାଶ ପାଇଁ ମେଳାରେ ଅତିଥିମାନେ ପରାମର୍ଶ ଦେଇଥିଲେ।

# ପାଣିପାଗ

ରାଜ୍ୟରେ ଆସନ୍ତା ଦୁଇଦିନ ପରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲ୍‌ସିୟସ୍ ହ୍ରାସ ହେବା ସହ ଶୀତ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱରସ୍ଥିତ

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଅପର ପକ୍ଷରେ, ଆଜି ୩୮ଟି ସହରର ଦିନର ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ କରାଯାଇଛି। ଝାରସୁଗୁଡ଼ାରେ ଦିନର ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି।

*********************************